66th

# Vanamahotsava




Principal Chief Conservator of Forests
Bhubaneswar – 751023



*Plant planted by Hon'ble Chief Minister, Odisha during 65th celebration of Vanamahotsava, 2014*




*Biju Patnaik Award to Budharaja VSS, Sambalpur as best VSS on the occasion of State level celebration of 65th Vanamahotsava, 2014*

सत्यमेव जयते

ଶ୍ରୀ ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଓଡ଼ିଶା ସରକାର

ଭୁବନେଶ୍ୱର
ତା.୦୧.୦୭.୨୦୧୫

# ୬୬ତମ ବନମହୋତ୍ସବ ସପ୍ତାହ ପାଳନ ଉପଲକ୍ଷେ ମାନ୍ୟବର୍ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

ଚଳିତ ବର୍ଷ ୬୬ତମ ବନମହୋତ୍ସବ ସପ୍ତାହ ପାଳନର ଶୁଭ ଅବସରରେ ସମସ୍ତ ରାଜ୍ୟବାସୀଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଜ୍ଞାପନ କରୁଛି।

ଜନସାଧାରଣଙ୍କୁ ବୃକ୍ଷରାଜିର ମହତ୍ତ୍ୱ ସଂପର୍କରେ ଅବଗତ କରାଇବା ସହିତ ବୃକ୍ଷରୋପଣ ପ୍ରତି ଆଗ୍ରହ ସୃଷ୍ଟି କରିବା ପାଇଁ ୧୯୫୦ ମସିହା ଠାରୁ ପ୍ରତିବର୍ଷ ଜୁଲାଇ ମାସର ପ୍ରଥମ ସପ୍ତାହରେ ବନମହୋତ୍ସବ ପାଳନ କରାଯାଇ ଆସୁଅଛି।

ଜନସଂଖ୍ୟାର ଦ୍ରୁତ ଅଭିବୃଦ୍ଧି ଯୋଗୁଁ ପ୍ରାକୃତିକ ଜଙ୍ଗଲ ଉପରେ ଚାପ ସୃଷ୍ଟି ହେଉଛି। ତେଣୁ ଜଙ୍ଗଲର ସୁରକ୍ଷା ସହିତ ବ୍ୟାପକ ବୃକ୍ଷରୋପଣ କରିବା ଏକାନ୍ତ ଆବଶ୍ୟକ ହୋଇପଡ଼ିଛି। ଏହାବ୍ୟତୀତ ଜଳବାୟୁ ପରିବର୍ତ୍ତନ ଜନିତ ସମସ୍ୟାଗୁଡ଼ିକୁ ଏଡାଇବା ପାଇଁ ବ୍ୟାପକ ବନୀକରଣ ସହିତ ଜଙ୍ଗଲର ସୁରକ୍ଷା ଓ ଅଭିବୃଦ୍ଧି ଅପରିହାର୍ଯ୍ୟ। ଖୁସିର କଥା ଯେ, ବିଗତ ଦୁଇ ଦଶନ୍ଧିରେ ଆମ ରାଜ୍ୟରେ ଜଙ୍ଗଲ ଅଚ୍ଛାଦିତ ଅଞ୍ଚଳର ଆୟତନ ପ୍ରାୟ ୩୪୦୭ ବର୍ଗ କିଲୋମିଟର ବୃଦ୍ଧି ପାଇଛି।

ଚଳିତ ବର୍ଷ ବନ ବିଭାଗ ତରଫରୁ ଉଭୟ ଜଙ୍ଗଲ ଓ ଅଣଜଙ୍ଗଲ ଜମିରେ ବୃକ୍ଷରୋପଣ ପାଇଁ ୧୨ କୋଟି ୫୦ ଲକ୍ଷ ଚାରା ପ୍ରସ୍ତୁତ କରାଯାଇଅଛି ଏବଂ ସେଥିମଧ୍ୟରୁ ୫ କୋଟି ୫୦ ଲକ୍ଷ ଚାରା ଜନସାଧାରଣଙ୍କୁ ବିନା ମୂଲ୍ୟରେ ଯୋଗାଇ ଦିଆଯିବ। ଚଳିତ ବର୍ଷ ଜୁଲାଇ ୮ ତାରିଖ ଦିନ ରାଜ୍ୟର ବିଭିନ୍ନ ଅଞ୍ଚଳରେ ୪୦ ଲକ୍ଷ ଚାରା ସର୍ବସାଧାରଣଙ୍କ ସହଯୋଗରେ ରୋପଣ କରାଯିବାର ବ୍ୟବସ୍ଥା ଜଙ୍ଗଲ ବିଭାଗ ଦ୍ୱାରା କରାଯାଇଅଛି। ଏହି କାର୍ଯ୍ୟକ୍ରମର ସଫଳତାରେ ମୁଁ ସମସ୍ତଙ୍କ ସହଯୋଗ କାମନା କରୁଛି।

ବନମହୋତ୍ସବ ପାଳନ ଅବସରରେ ପ୍ରତ୍ୟେକ ବ୍ୟକ୍ତି ଗୋଟିଏ କରି ଚାରା ଲଗାନ୍ତୁ ଏବଂ ନିଜର ସନ୍ତାନ ପରି ତା'ର ଯତ୍ନ ନିଅନ୍ତୁ। ଏହାହିଁ ରାଜ୍ୟବାସୀଙ୍କୁ ମୋର ଅନୁରୋଧ।

ନବୀନ ପଟ୍ଟନାୟକ
(ନବୀନ ପଟ୍ଟନାୟକ)